## ରାମ ମନ୍ଦିର ପରିଚାଳନା କମିଟିର ବୈଠକ

କୋରାପୁଟ,(ସ୍ୱ.ପ୍ର.)-କୋରାପୁଟ ସହରର ପୁଜାରିପୁଟ ରାମ ମନ୍ଦିର ପରିଚାଳନା କମିଟିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟିର ଉପସଭାପତି ଚିରଞ୍ଜୀବୀ ପାତ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ପ୍ରାରମ୍ଭରେ ନିକଟରେ ମନ୍ଦିର ପରିଚାଳନା କମିଟିର ସଭାପତି ଭାସ୍କର ଚନ୍ଦ୍ର ବିଶ୍ୱାଳଙ୍କ ବିୟୋଗରେ ଶୋକବ୍ୟକ୍ତ କରାଯାଇ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଚାଲିଥିବା ମନ୍ଦିର ନିର୍ମାଣ କାର୍ଯ୍ୟ କିପରି ଶେଷ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ପରିଚାଳନା କମିଟି ସମ୍ପାଦକ ଜୟନ୍ତ କୁମାର ମିଶ୍ର, ଭୀମସେନ ପ୍ରଧାନ, ସତ୍ୟଭାମା ପାଢ଼ୀ, ଜଳଧର ସ୍ୱାଇଁ, ଅଶୋକ ସୋନେଜା, ଗୋବିନ୍ଦ ଚନ୍ଦ୍ର ସାମଲ, ସତ୍ୟ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ବୃନ୍ଦାବନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ୧୨ ଫୁଟର ଅହିରାଜ ଉଦ୍ଧାର



ମାଲକାନଗିରି, ୨୦।୬ (ଡି.ଏନ.ଏ.) ମାଲକାନଗିରି ଜିଲା କଲିମେଳା ବ୍ଲକ ଅନ୍ତର୍ଗତ ତାଟିଗୁଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ରବିବାର ଏକ ୧୨ ଫୁଟର ଅହିରାଜ ସାପ ଉଦ୍ଧାର ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ପଛ ପଟେ ଥିବା ପୋଖରୀରେ ଅହିରାଜ ପଶିଥିବା ଦେଖି ଘରମାଲିକ ସ୍ନେକ ହେଲ୍ପ ଲାଇନ ସଦସ୍ୟଙ୍କୁ ଖବର ଦେଇଥିଲେ। ସ୍ନେକ ହେଲ୍ପଲାଇନ ଟିମ ଘଟଣା ସ୍ଥଳରେ ପହଞ୍ଚି ଅହିରାଜକୁ କୌଶଳକ୍ରମେ ଉଦ୍ଧାର କରିଥିଲେ। ମାଲକାନଗିରି ଜିଲାରେ ଏବେ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀରୁ ଅଧିକ ରହିଛି। ଗରମ କାରଣରୁ ସାପ ଜଙ୍ଗଲରେ ନ ରହି ଜନବସତି ଆଡକୁ ପଶି ଆସୁଛନ୍ତି। ଉଦ୍ଧାର ଅହିରାଜକୁ ପ୍ରାଥମିକ ଚିକିତ୍ସା ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ବନଖଣ୍ଡ ଅଧିକାରୀ ପ୍ରଦୀପ ଦେବୀଦାସ ମୀରାସେ କହିଛନ୍ତି।

### ବିହନ ବଣ୍ଟନ କାର୍ଯ୍ୟକ୍ରମ



କୁନ୍ଦୁରା,୨୦।୬(ଡି.ଏନ.ଏ.)–କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ନୂଆଗୁଡା ଫାର୍ମ ବିଦ୍ୟାଳୟଠାରେ ରବିବାର ସ୍ୱାମୀନାଥନ ଫାଉଣ୍ଡେଶନ ପକ୍ଷରୁ ଚାଷୀଙ୍କୁ ଧାନ ବିହନ ବଣ୍ଟନ କରାଯାଇଛି। କୁନ୍ଦୁରା କୃଷି ବିଭାଗ ଅଧିକାରୀ ଆଇଜି ବିଶୋୟୀ ଉପସ୍ଥିତ ରହି ଚାଷୀଙ୍କୁ ଏହା ବଣ୍ଟନ କରି ଚାଷ ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। ଜୈବିକ ପଦ୍ଧତିରେ ଚାଷ କରିବାକୁ ପରାମର୍ଶ ଦେଇ ଚାଷୀଙ୍କୁ ୧୦୦୧,ଏମ୍ଆଇଭି, ୧୧୫୩, ୧୧୫୬, କଳଜୀରା, ମୁକ୍ତାବାଲି, ଆସାମଚୁଡି ଆଦି ଧାନ ବିହନ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଅଜିତ୍ କୁମାର ସାହୁ ଓ ରଞ୍ଜିତ କୁମାର ଦଳେଇ ଉପସ୍ଥିତ ଥିଲେ।

### ରାୟଗଡ଼ା ଜିଲାରୁ ୮୮ ପଜିଟିଭ, ୧ ମୃତ

ରାୟଗଡ଼ା ଅଫିସ,୨୦।୬- ରାୟଗଡ଼ା ଜିଲାରୁ ୮୮ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଜିଲାରୁ ପୁଣି ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଛି। ନୂତନ ସଂକ୍ରମିତଙ୍କ ମଧ୍ୟରେ ରାୟଗଡ଼ା ଗ୍ରାମାଞ୍ଚଳରୁ ୧୯, ରାୟଗଡ଼ା ସହରାଞ୍ଚଳରୁ ୧୧, ମୁନିଗୁଡ଼ାରୁ ୧୩, କଲ୍ୟାଣସିଂହପୁରରୁ ୧୧, ପଦ୍ମପୁରରୁ ୧୧, କାଶୀପୁରରୁ ୭, ଗୁଡାରିରୁ ୫, ବିଷମକଟକରୁ ୪, ଗୁଣୁପୁର ଗ୍ରାମାଞ୍ଚଳରୁ ୨, ରାମନାଗୁଡ଼ାରୁ ୨, ଚନ୍ଦ୍ରପୁରରୁ ୨, କୋଲନରାରୁ ୧, ଜଣ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୮୩୨୩ରେ ପହଞ୍ଚିଛି। ସେହିପରି କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୩୬କୁ ବୃଦ୍ଧିପାଇଛି। ଜିଲାରେ ଆଉ ୭୬୫ ସକ୍ରିୟ ସଂକ୍ରମିତ ରହିଥିବା ସୂଚନା ମିଳିଛି।

### ବ୍ଲକ ଟ୍ରାକ୍ଟର ସଙ୍ଘ ଗଠିତ

ପାପଡାହାଣ୍ଡି,୨୦।୬(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡାହାଣ୍ଡି ଡାକ ବଙ୍ଗଳାରେ ରବିବାର ବ୍ଲକ ଟ୍ରାକ୍ଟର ସଙ୍ଘ ଗଠନ କରାଯାଇଛି। କୋଭିଡ କଟକଣା ମଧ୍ୟରେ ସାମାଜିକ ଦୂରତା ରଖି ମାସ୍କ ପରିଧାନ କରି ଏହି ବୈଠକ ଆୟୋଜିତ ହୋଇଥିଲା। ବୈଠକରେ କାହ୍ନୁ ଦାଶ ସଭାପତି, ଦୀନବନ୍ଧୁ ବିଶୋଇ କାର୍ଯ୍ୟକାରୀ ସଭାପତି, ରବିନ୍ଦ୍ର ପ୍ରଧାନ ଉପସଭାପତି, ରଜତ କୁମାର ଖଣ୍ଡପାଣି ସମ୍ପାଦକ ଓ ବାବୁ ନନ୍ଦଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ଜିଲା ସଙ୍ଘ ଅଧୀନରେ ଏହି ସଙ୍ଘ କାମ କରିବ। ଅଗାମି ଦିନରେ ସଙ୍ଘ କର୍ମଚାରୀଙ୍କ ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ବୈଠକରେ ଆଲୋଚନା କରାଯାଇଛି। ପ୍ରଶାସନ ପକ୍ଷରୁ ଅନେକ ସମୟରେ ଟ୍ରାକ୍ଟର ମାଲିକଙ୍କ ଗାଡିରୁ ଯେଉଁ ଫାଇନ ଆଦାୟ କରାଯାଉଛି ତାହାକୁ ବିରୋଧ କରାଯାଇଥିଲା।

### ୪୧ ୟୁନିଟ୍ ରକ୍ତ ସଂଗ୍ରହ

ଉମରକୋଟ, ୨୦।୬(ସ୍ୱ.ପ୍ର.) ଉମରକୋଟ ପୋଲିସ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକସ୍ଥିତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତଦାନ ଶିବିର କରାଯାଇଛି। କରୋନା ସମୟରେ ରକ୍ତ ପାଇଁ ଯେପରି କେହି ହଇରାଣ ନ ହେବେ, ଏହାକୁ ଦୃଷ୍ଟିରେ ରଖି ଏହି ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ମୋଟ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶିବିରରେ ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଡା. ଦିନେଶ ଚନ୍ଦ୍ର ନାୟକ, ଉମରକୋଟ ତହସିଲଦାର ଡ. ହିମାଞ୍ଚଳ ମାଝି, ଥାନାଧିକାରୀ ନରେଶ ପ୍ରଧାନ, ଅତିରିକ୍ତ ଥାନାଧିକାରୀ ଲିମାରାଜ ପ୍ରଧାନ, ନଳିନୀ ରଞ୍ଜନ ମିଶ୍ର, ତପନ ଦେବନାଥ ପ୍ରମୁଖ ଉପସ୍ଥିତ ଥିଲେ।

# କରୋନା କଟକଣା: ଚିନ୍ତାରେ ଆମ୍ବ ବ୍ୟବସାୟୀ

**ସେମିଳିଗୁଡା, ୨୦।୬(ସ୍ୱ.ପ୍ର.)**

- ଗୋରୁଗାଡ, ସହର ବାହାରେ ନେଇ ଆମ୍ବ ଫିଙ୍ଗୁଛନ୍ତି
- କରୋନା ବିଗାଡି ଦେଇଛି ଜୀବିକା
- ଫଳ ସଂରକ୍ଷଣ ପାଇଁ ନାହିଁ ଶୀତଳଭଣ୍ଡାର

କରୋନା ସଂକ୍ରମଣର ବର୍ଦ୍ଧିତ ହାର କିପରି ରୋକାଯାଇପାରିବ ସେନେଇ ରାଜ୍ୟ ସରକାର ଲକ୍ଡାଉନ କଟକଣା ସାଙ୍ଗକୁ ସପ୍ତାହାନ୍ତ ଶନିବାର ଓ ରବିବାର ଶଟ୍ଡାଉନ ଜାରିକରିଛନ୍ତି। ଏଥିଯୋଗୁ ଅନେକ ଲୋକଙ୍କ ଜୀବିକା ପ୍ରଭାବିତ ହୋଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ଆମ୍ବ ବ୍ୟବସାୟୀ। ଲକ୍ଡାଉନ ଓ ଶଟ୍ଡାଉନ ଯୋଗୁ ଗାଡ଼ିମୋଟର ସବୁ ଚଳାଚଳ ବନ୍ଦ ରହିଥିବାରୁ ବ୍ୟବସାୟୀମାନେ ବ୍ୟବସାୟ କରିବାକୁ କେଉଁଆଡେ ଯାଇପାରୁନାହାନ୍ତି। ବାହାର ବ୍ୟବସାୟୀ ମଧ୍ୟ ଆସି ସେମାନଙ୍କ ନିକଟରୁ ଆମ୍ବ କିଣି ନେବା ସୁବିଧା ନାହିଁ। ଏପରି ସ୍ଥଳେ ଆମ୍ବ ବ୍ୟବସାୟୀମାନେ ରାସ୍ତା ପାର୍ଶ୍ୱରେ ସେମାନଙ୍କ ଆମ୍ବ ଏଣେତେଣେ ଫିଙ୍ଗି ନଷ୍ଟ କରୁଛନ୍ତି। ସେହିଭଳି ଏକ ଦୃଶ୍ୟ ରବିବାର ସେମିଳିଗୁଡା ସହର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଗୋରୁଗାଡ଼ରେ କେତେକ ଆମ୍ବ ବ୍ୟବସାୟୀ କୁଇଣ୍ଟାଲ କୁଇଣ୍ଟାଲ ଆମ୍ବ ଫିଙ୍ଗୁଥିବା ଦେଖାଯାଇଛି। ଅନ୍ୟ କେତେକ ବ୍ୟବସାୟୀ ଗାଡିରେ ଆମ୍ବ ନେଇ ସହର ବାହାରେ ଥିବା ଡ୍ରେନରେ ଫିଙ୍ଗି ଆସୁଛନ୍ତି। କୁଇଣ୍ଟାଲ କୁଇଣ୍ଟାଲ ଆମ୍ବ ବିକ୍ରି ହୋଇ ନ ପାରି ନଷ୍ଟ ହୋଇଯିବାରୁ ବ୍ୟବସାୟୀମାନେ ଲକ୍ଷାଧିକ ଟଙ୍କା କ୍ଷତି ସହୁଛନ୍ତି। କୋରାପୁଟ ଜିଲାର ସେମିଳିଗୁଡା ସହର ଏକ ପ୍ରମୁଖ ବ୍ୟବସାୟ ସ୍ଥଳ। ପାଚିଲା ଫଳ ସାଇତି ରଖିବା ନେଇ ଏଠାରେ କୌଣସି ସୁବିଧା ନାହିଁ। କୌଣସି ଶୀତଳଭଣ୍ଡାର ନ ଥିବାରୁ ଅନେକ ସମୟରେ ଚାଷୀ ଓ ବ୍ୟବସାୟୀ କ୍ଷତିସହୁଛନ୍ତି।



ବ୍ୟବସାୟୀମାନେ ସହର ବାହାରେ ନେଇ ଆମ୍ବ ଫିଙ୍ଗୁଛନ୍ତି।

## ଟିକାଦାନ କେନ୍ଦ୍ର ପରିଦର୍ଶନ କଲେ ଉପ ଜିଲାପାଳ



ଟିକାଦାନ କେନ୍ଦ୍ର ବୁଲି ଦେଖୁଛନ୍ତି ଉପ ଜିଲାପାଳ।

**ଜୟପୁର, ୨୦।୬(ନି.ପ୍ର.)**

ସୋମବାରଠାରୁ ଜୟପୁର ସହରରେ ୧୮ ରୁ ୪୪ ବର୍ଷର ଲୋକେ ଟିକା ନେବେ। ଏନେଇ ସହରରେ ୧୦ଟି ଟିକାଦାନ କେନ୍ଦ୍ର ହୋଇଛି। କେନ୍ଦ୍ରଗୁଡିକୁ ରବିବାର ଜୟପୁର ଉପ ଜିଲାପାଳ ହେମକାନ୍ତ ସାୟ ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ୨୧ ତାରିଖ ସୋମବାରଠାରୁ ୨୫ ତାରିଖ ଯାଏ ସକାଳ ୯ରୁ ୫ଟା ପର୍ଯ୍ୟନ୍ତ ଟିକାଦାନ କରାଯିବ। ଲୋକଙ୍କୁ ଅନଲାଇନରେ ସ୍ଲଟ ବୁକିଂ ଅନୁସାରେ ଟିକା ଦାନ କେନ୍ଦ୍ରରୁ ଟିକା ନେବା ପାଇଁ କୁହାଯାଇଛି । ଟିକାଦାନ କେନ୍ଦ୍ରଗୁଡିକ ହେଲା ଟାଉନହଲ, ସରକାରୀ ଉଚ୍ଚ ବିଦ୍ୟାଳୟ, ସିଟି ହାଇସ୍କୁଲ, ଜୟନଗରସ୍ଥିତ ସରସ୍ୱତୀ ବାଲ ମନ୍ଦିର, ଲିଙ୍ଗରାଜନଗରସ୍ଥିତ ଇନ୍ଡୋର ଷ୍ଟାଡିୟମ, ମୁଖ୍ୟ ରାସ୍ତାରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟ, ପାରାବେଡାସ୍ଥିତ ମଡର୍ନ ଇଂଲିଶ ମିଡିୟମ ସ୍କୁଲ, କୋଭିଡ ଜଗଧାତ୍ରୀପୁର ୟୁପିଏଚସି, ଜିଲା ଚିକିତ୍ସାଳୟ, ଝିଙ୍କରତୋଟାସ୍ଥିତ ୟୁପିଏଚସି କେନ୍ଦ୍ର।

# ବାଲିମେଳା ଜଳଭଣ୍ଡାରରେ ଡଙ୍ଗା ବୁଡ଼ି ଯୁବକ ନିଖୋଜ

**ଚିତ୍ରକୋଣ୍ଡା,୨୦।୬(ଡି.ଏନ.ଏ.)**

ବାଲିମେଳା ଜଳଭଣ୍ଡାରରେ ଶନିବାର ଅପରାହ୍ନରେ ଏକ ଦେଶୀ ଡଙ୍ଗା ବୁଡ଼ିଯାଇ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ଚିତ୍ରକୋଣ୍ଡା ଟି.କଲୋନୀ ନିବାସୀ ଦିଲୀପ କୁମାର ମିଶ୍ରଙ୍କ ପୁଅ ଦୀପ୍ତିମାନଦେବାଶିଷ ମିଶ୍ର(୨୦)। ରବିବାର ସନ୍ଧ୍ୟାସୁଦ୍ଧା ତାଙ୍କ ମୃତଦେହ ଉଦ୍ଧାର ହୋଇପାରିନାହିଁ।

ଖବରରୁ ଜଣାପଡ଼ିଛି, ଚିତ୍ରକୋଣ୍ଡା ବନଦୁର୍ଗା ମନ୍ଦିର ନଦୀ ଘାଟରେ କେତେକ ମାଛ ଧରାଳି ମାଛ ଧରିସାରିବା ପରେ ଡଙ୍ଗାକୁ କୂଳରେ କାଠପୋତି ଦଉଡ଼ିରେ ବାନ୍ଧି ରଖି ଘରକୁ ଯାଇଥାନ୍ତି। ସବୁଦିନ ପରି ଶନିବାର ଅପରାହ୍ନରେ ମଧ୍ୟ ମାଛଧରାଳିମାନେ ମାଛ ଧରିସାରି କୂଳରେ ଡଙ୍ଗା ବାନ୍ଧି ଚାଲିଯାଇଥିଲେ। ସେମାନେ ଯିବା ପରେ ଦୀପ୍ତିମାନ ସେଠାରେ ପହଞ୍ଚି କୂଳରେ ଥିବା ଗୋଟିଏ ଦେଶୀ ଡଙ୍ଗା ଧରି ନଦୀ ଭିତରକୁ ବୁଲିବାକୁ ଯାଇଥିଲେ। ଡଙ୍ଗାରେ ପାଣି ପଶିଯିବାରୁ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ି ଯାଇଥିଲା। ଡଙ୍ଗାରେ ଥିବା ଦୀପ୍ତିମାନ ଡଙ୍ଗା ବୁଡ଼ିଗଲା ବଞ୍ଚାଅ ବଞ୍ଚାଅ ବୋଲି ପାଟି କରିବାରୁ ଦୋରାଗୁଡ଼ା ଡଙ୍ଗା ଘାଟରୁ ୨ଟି ଡଙ୍ଗାରେ ମାଛଧରାଳିମାନେ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ଖୋଜାଖୋଜି କରିବାରୁ କେବଳ ବୁଡ଼ି ଯାଇଥିବା ଡଙ୍ଗାଟି ପାଇଥିଲେ। ମାତ୍ର ଦୀପ୍ତିମାନଙ୍କୁ ପାଇ ନ ଥିଲେ। ଏନେଇ ଦିଲୀପ ତାଙ୍କ ପୁଅ ଦିନ ସାଢ଼େ ୨ଟାରୁ ଘରୁ ଯାଇ ଫେରି ନ ଥିବା ସମ୍ପର୍କରେ ଚିତ୍ରକୋଣ୍ଡା ଥାନାରେ ଅଭିଯୋଗ କରିବା ସହ ତହସିଲଦାର ଟି. ପଦ୍ମନାଭ ଦୋରାଙ୍କୁ ଜଣାଇଥିଲେ। ରବିବାର ତହସିଲଦାରଙ୍କ ନିର୍ଦ୍ଦେଶରେ ତହସିଲ କର୍ମଚାରୀ,ଏସଆଇ କୃଷ୍ଣ ସେବକ ପାଙ୍ଗି ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ମାତ୍ର ସନ୍ଧ୍ୟା ସୁଦ୍ଧା ନିଖୋଜ ଯୁବକଙ୍କୁ ଉଦ୍ଧାର କରିପାରି ନ ଥିଲେ।



ଅଗ୍ନିଶମ କର୍ମଚାରୀମାନେ ଜଳଭଣ୍ଡାରରେ ନିଖୋଜ ଯୁବକଙ୍କୁ ଖୋଜାଖୋଜି କରୁଛନ୍ତି।

## ବିଶ୍ୱ ଜାଗୃତି ଦିବସ ପାଳିଲା ସ୍ୱଦେଶୀ ଜାଗରଣ ମଞ୍ଚ

**କୋରାପୁଟ,୨୦।୬(ସ୍ୱ.ପ୍ର.)**

କୋରନା ଟିକା ଏବଂ ଔଷଧଗୁଡିକୁ ସର୍ବସୁଲଭ କରିବା ପାଇଁ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଜୁନ ୨୦କୁ ଜାଗୃତି ଦିବସ ଭାବେ ପାଳନ କରାଯାଇଛି। ସାରା ଦେଶ ଏବେ କରୋନା ମହାମାରୀ ସହ ଲଢୁଛି। ଏଥିରୁ ରକ୍ଷା ପାଇବା ଲାଗି ଟିକାକରଣ ଏକମାତ୍ର ଉପାୟ। ଏଥିପାଇଁ କୋରନା ଟିକା ଓ ଔଷଧଗୁଡିକୁ ପେଟେଣ୍ଟମୁକ୍ତ କରିବାର ଆବଶ୍ୟକତା ରହିଛି । ଫଳରେ ଟିକାର ପ୍ରସ୍ତୁତି ଶୀଘ୍ର ହେବା ସହିତ ସୁଲଭ ମୂଲ୍ୟରେ ସମସ୍ତେ ପାଇପାରିବେ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଏଥିପାଇଁ ମଞ୍ଚ ବିଶ୍ୱବ୍ୟାପୀ ସର୍ବ ସୁଲଭ ଟିକାକରଣ ଓ ଔଷଧ ଅଧିକାର ଅଭିଯାନ ଜାରି ରଖିଛି। ଏହି ଅଭିଯାନରେ ଅନଲାଇନ ଡିଜିଟାଲ ପିଟିସନ ଦସ୍ତଖତ କାର୍ଯ୍ୟକ୍ରମ ଚାଲିଛି । ଇତି ମଧ୍ୟରେ ୨୦ ଲକ୍ଷରୁ ଅଧିକ ଲୋକଙ୍କ ଦସ୍ତଖତ ସଂଗ୍ରହ ହୋଇଛି । ଓଡିଶାରୁ ଏକ ଲକ୍ଷରୁ ଅଧିକ ଦସ୍ତଖତ ସଂଗ୍ରହ ହୋଇଛି। ମଞ୍ଚର ମୃତ୍ୟୁଞ୍ଜୟ ଶତପଥୀ, ସୌମେନ୍ଦ୍ର ସ୍ୱାଇଁ, କେଶବ ପଟ୍ଟନାୟକ, ତନ୍ମୟ ପ୍ରଧାନ, ବନ୍ଦିତା ମିଶ୍ର, ନଗର ସଂଯୋଜକ ଉମାଶଙ୍କର ଦାସ, ରବି ନାରାୟଣ ମିଶ୍ର, ମୁରଲୀଧର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସିସିଟିଭିରେ କଏଦ ହେଲା ବାଇକ୍ ଚୋରି ଦୃଶ୍ୟ



ସିସି ଟିଭିରେ କଏଦ ହୋଇଥିବା ଚୋରିର ଦୃଶ୍ୟ।

**ମାଲକାନଗିରି,୨୦।୬(ଡି.ଏନ.ଏ.)**

ମାଲକାନଗିରି ସଦର ମହକୁମା ତଳସାହି ଶିବ ମନ୍ଦିର ନିକଟରେ ରହୁଥିବା ପି.ଚେଣ୍ଟିଙ୍କ ୨ ଟି ବାଇକ୍କୁ ଶନିବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଚୋରିକରି ନେଇ ଯାଇଛନ୍ତି। ଅନ୍ୟ ଜଣେ ବ୍ୟକ୍ତିଙ୍କ ବାଇକ୍ ଚୋରି କରି ନେବାରେ ବିଫଳ ହେବାରୁ ଅଧାବାଟରେ ଛାଡି ଚାଲିଯାଇଥିବା ଜଣାପଡିଛି। ତେବେ ସେମାନଙ୍କ ଏହି ଚୋରି ଘଟଣାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଖବରରୁ ଜଣାପଡିଛି, ଶନିବାର ରାତି ସାଢ଼େ ଗୋଟାଏରେ ୩ ଜଣ ଦୁର୍ବୃତ୍ତ ଚେଣ୍ଟିଙ୍କ ଘର କାନ୍ଥ ଡେଇଁ ଭିତରେ ପଶି ବାହାରେ ଥିବା ଦୁଇଟି ବାଇକକୁ ଗଡ଼ାଇ ଗଡ଼ାଇ ବାହାରକୁ ଆଣି ପରେ ଚଲାଇ ପଳାଇଥିଲେ। ତାଙ୍କ ସହ ଥିବା ଅନ୍ୟ ଜଣେ ଦୁର୍ବୃତ୍ତ ଜଣକ ନିକଟରେ ଥିବା ଆଉ ଜଣେ ବ୍ୟକ୍ତିଙ୍କ ଗାଡିକୁ ଚୋରି କରି ନେବାକୁ ଚେଷ୍ଟା କରି ଘରୁ ବାହାରକୁ କାଢି ଆଣି କିଛି ବାଟ ଠେଲିଠେଲି ନେଇଥିଲେ। ପରେ ସେ ବାଟରେ ଛାଡି ଚାଲିଯାଇଥିଲେ। ରବିବାର ସକାଳୁ ଉଭୟ ଗାଡି ମାଲିକ ଉଠି ଘରେ ଗାଡି ନ ଥିବା ଦେଖିବାକୁ ପାଇଥିଲେ। ପରେ ସିସି ଟିଭି ଯାଞ୍ଚ କରିବାରୁ ଗାଡି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ମାଲକାନଗିରି ଥାନାରେ ଚେଣ୍ଟି ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଫୁଟେଜ ଆଧାରରେ ଦୁର୍ବୃତ୍ତଙ୍କୁ ଧରିବାକୁ ଘଟଣାର ତଦନ୍ତ ଚଳାଇଛି।

# କୋଭିଡ୍ ସ୍ଥିତି, ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ନବରଙ୍ଗପୁର, ୨୦।୬(ବି.ପ୍ର.)**

**ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ନବରଙ୍ଗପୁର ଗସ୍ତ**

- ଆଇ.ଇ.ସି. କାର୍ଯ୍ୟକ୍ରମରେ ସଚେତନ କରି ଗ୍ରାମାଞ୍ଚଳରେ ଟିକାକରଣ ଉପରେ ଗୁରୁତ୍ୱ
- ଜିଲା ମୁଖ୍ୟ ଚିକିତ୍ସାଳୟରେ ନିର୍ମାଣାଧୀନ ୱାର୍ଡ, ଅକ୍ସିଜେନ ପ୍ଲାଣ୍ଟ ବୁଲି ଦେଖିଲେ

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆପାଙ୍ଗ ଆଓ ଶନିବାର ନବରଙ୍ଗପୁର ଜିଲା ଗସ୍ତରେ ଆସିଥିଲେ। ସ୍ଥାନୀୟ ସର୍କିଟ ହାଉସ୍ରେ ଅନୁଷ୍ଠିତ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ଜିଲାରେ କରୋନା ନିୟନ୍ତ୍ରଣ ସ୍ଥିତି, ଟିକାକରଣ, ଉନ୍ନତ ସ୍ୱାସ୍ଥ୍ୟସେବା, ଆର୍ଟି–ପିସିଆର୍ ଟେଷ୍ଟିଂ, ଅମ୍ଳଜାନ ପ୍ଲାଣ୍ଟ, ବିଜୁ ଏକ୍ସପ୍ରେସ, ଭାରତ ମାଳା ପ୍ରକଳ୍ପ, ରାଜସ୍ୱ ଆୟ ସମ୍ପର୍କରେ ସମୀକ୍ଷା କରିଥିଲେ। ଗ୍ରାମାଞ୍ଚଳରେ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ବ୍ୟାପକ ସଚେତନ କରି ଟିକାକରଣକୁ ସଫଳ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କରୋନାର ସଫଳ ମୁକାବିଲା ପାଇଁ ଜିଲା ପ୍ରଶାସନ ଦ୍ୱାରା ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ, ଜିଲାରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଜିଲାପାଳ ଡ. ଅଜିତ କୁମାର ମିଶ୍ର ରାଜସ୍ୱ କମିଶନରଙ୍କୁ ଅବଗତ କରାଇଥିଲେ। ସମୀକ୍ଷା ବୈଠକ ପରେ ରାଜସ୍ୱ କମିଶନର ଜିଲା ଚିକିତ୍ସାଳୟ ପରିଦର୍ଶନ କରି ଆର୍ଟି–ପିସିଆର୍ ପରୀକ୍ଷା କେନ୍ଦ୍ର, ଆଇସିୟୁ, ଜିଲା ଚିକିତ୍ସାଳୟ ଉପର ମହଲାରେ ନିର୍ମାଣାଧୀନ ଥିବା ବର୍ଦ୍ଧିତ ୨୦୦ ଶଯ୍ୟା ବିଶିଷ୍ଟ ୱାର୍ଡ, ଜିଲା ଚିକିତ୍ସାଳୟରେ ନିର୍ମାଣାଧୀନ ଅମ୍ଳଜାନ ପ୍ଲାଣ୍ଟ ବୁଲି ଦେଖିଥିଲେ। ଏଥିସହ ନବରଙ୍ଗପୁର ଦହନା, ଦିଗିସଲ୍ ରାସ୍ତାକୁ ସଂଯୋଗ କରୁଥିବା ଲୋକାଲ ନାଳ ଉପରେ ୩ କୋଟି ୭୪ ଲକ୍ଷ ବ୍ୟୟ ଅଟକଳରେ ତିଆରି ଚାଲିଥିବା ଏଚ୍ଏଲ୍ ବ୍ରିଜ କାମ ଦେଖିଥିଲେ। ନିର୍ଦ୍ଧାରିତ ସମୟରେ ତାହାକୁ ଶେଷ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଜିଲାପାଳଙ୍କ ସମେତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଅତିରିକ୍ତ ଜିଲାପାଳ ରତ୍ନାକର ସାହୁ, ଉପଜିଲାପାଳ ଭାସ୍କର ରଇତ, ସିଡିଏମ୍ଓ ଚୌଧୁରୀ ଶୋଭାରାଣୀ ମିଶ୍ର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଆର୍ଡିସି ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

## ଖଲାସୀଙ୍କୁ ସହାୟତା ଦେଲେ ଔଷଧ ଦୋକାନୀ

**ନବରଙ୍ଗପୁର, ୨୦।୬ (ବି.ପ୍ର.)**

ନବରଙ୍ଗପୁର ବସଷ୍ଟାଣ୍ଡର ଖଲାସୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ନବରଙ୍ଗପୁର ସହରର ଔଷଧ ଦୋକାନୀ। କରୋନା ମହାମାରୀ ସମୟରେ ସମସ୍ତ ଗାଡି ମୋଟର ବନ୍ଦ ରହିବା କାରଣରୁ ରୋଜଗାରର ପନ୍ଥା ହରାଇ ବସିଥିବା ନବରଙ୍ଗପୁର ସହରର ରାମ ମନ୍ଦିର, ଶାସ୍ତ୍ରୀ ଭବନ ଏବଂ ନୂଆ ବସଷ୍ଟାଣ୍ଡର ୪୦ ଖଲାସୀ ପରିବାରଙ୍କୁ ୫ କୁଇଣ୍ଟାଲ ଚାଉଳ ଏବଂ ମାସ୍କ ପ୍ରଦାନ କରାଯାଇଛି। କରୋନା ମହାମାରୀ ସମୟରେ କୌଣସି ରୋଜଗାର ନ ଥିବାରୁ ବହୁ କଷ୍ଟରେ ଏହି ଖଲାସୀ ପରିବାର ଚଳୁଥିବାରୁ ଏହିଭଳି ପଦକ୍ଷେପ ନିଆଯାଇଥିବା ଔଷଧ ଦୋକାନୀମାନେ କହିଛନ୍ତି। ଖଲାସୀଙ୍କୁ ଚାଉଳ ଏବଂ ମାସ୍କ ପ୍ରଦାନ ସମୟରେ ନବରଙ୍ଗପୁର ସହରର ଔଷଧ ଦୋକାନୀ ବିଜୟ କୁମାର ମହାପାତ୍ର, ୟୁ. ଅରୁଣ, ଭି.ପ୍ରଭାକର ରାଓ, ଭି. ଭେଙ୍କେଟ ରାଓ, ଏନ୍. କାଲା କ୍ରିଷ୍ଣା, ଏମ୍. ଆନନ୍ଦ ରାଓ, ଜି. ଅଶୋକ କୁମାରଙ୍କ ସମେତ ସହରର ସମସ୍ତ ଔଷଧ ଦୋକାନୀ ଉପସ୍ଥିତ ଥିଲେ।

## ଆଜିଠୁ ଯୁବ ଗୋଷ୍ଠୀଙ୍କୁ ମିଳିବ ଟିକା

**ଉମରକୋଟ, ୨୦।୬(ସ୍ୱ.ପ୍ର.)**

**ଉମରକୋଟରେ ୫ ଟିକାକରଣ କେନ୍ଦ୍ର**

ଉମରକୋଟରେ ସୋମବାରଠାରୁ ୧୮ରୁ ଊର୍ଦ୍ଧ୍ୱ ବୟସ୍କଙ୍କ ଟିକାକରଣ କରାଯିବ। ଲୋକମାନଙ୍କୁ ଏ ସମ୍ପର୍କରେ ଜଣାଇବାକୁ ରବିବାର ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇଛି। ଯେଉଁମାନେ ଅନ୍ଲାଇନ୍ରେ ଆବେଦନ କରିଛନ୍ତି ସେମାନେ ୯ଟାରୁ ଅପରାହ୍ନ ୧ଘଣ୍ଟା ମଧ୍ୟରେ ଟିକା ନେଇପାରିବେ। ଯେଉଁମାନେ ଅନ୍ଲାଇନ୍ରେ ଆବେଦନ କରିନାହାନ୍ତି ସେମାନେ ଦିନ ୩ଟାରୁ ସନ୍ଧ୍ୟା ୬ ଘଣ୍ଟା ମଧ୍ୟରେ ଟିକାକରଣ କେନ୍ଦ୍ରକୁ ଯାଇ ଟିକା ନେଇପାରିବେ। ଉମରକୋଟରେ ୫ଟି ଟିକାକରଣ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଦର୍ଗାଗୁଡା ପ୍ରାଥମିକ ସ୍କୁଲ, ଏକ୍ସ ବୋର୍ଡ ପ୍ରାଥମିକ ସ୍କୁଲ, କୁସୁମଗୁଡା ପ୍ରାଥମିକ ସ୍କୁଲ, ଡଙ୍ଗରୀଗୁଡା ୟୁଭି–୩ ପ୍ରାଥମିକ ସ୍କୁଲ ଓ ଉମରକୋଟ ଡାକ୍ତରଖାନାରେ ଟିକାକରଣ କେନ୍ଦ୍ର କରାଯାଇଛି। ରବିବାର ସନ୍ଧ୍ୟାରେ ପୌରାଞ୍ଚଳ ଅଧିକାରୀ ରାମଚନ୍ଦ୍ର ମାଝି ଏକ ଭର୍ଚୁଆଲ ମିଟିଂରେ ଆୟୋଜନ କରିଥିଲେ। ଲୋକଙ୍କ ମନରେ ଥିବା ଭ୍ରାନ୍ତ ଧାରଣାକୁ ଦୂରକରି ସେମାନଙ୍କୁ ଟିକା ନେବାକୁ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ମିଟିଂରେ ଉମରକୋଟ ତହସିଲଦାର ଡା. ହିମାଞ୍ଚଳ ମାଝି, ପୂର୍ବତନ କାଉନସିଲର ମୁନା ପାଢ଼ୀ, ଚିତରଞ୍ଜନ ପାତ୍ରଙ୍କ ସମେତ ଉମରକୋଟ ମୁନସିପାଲିଟିର ସମସ୍ତ କର୍ମଚାରୀ ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।




ଭର୍ଚୁଆଲ ବୈଠକ ଚାଲିଛି ।

# ରାଜସ୍ୱ ଅମଲାଙ୍କୁ ସମ୍ମୁଖ କରୋନା ଯୋଦ୍ଧା ଘୋଷଣା ଦାବି

**ନବରଙ୍ଗପୁର,୨୦।୬ (ବି.ପ୍ର.)**

**ନବରଙ୍ଗପୁର ଜିଲା ରାଜସ୍ୱ ଅମଲା ସଂଘର ଭର୍ଚୁଆଲ ବୈଠକ**

ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲା ଶାଖା ନବରଙ୍ଗପୁର ସଭାପତି ଆଶୁତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ରବିବାର ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ୧୪ରେ ହୋଇଥିବା ରାଜ୍ୟ ସଂଘ କାର୍ଯ୍ୟକାରିଣୀ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାରଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରତ୍ୟାହାର କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖିବା ପାଇଁ ବୈଠକରେ ସହମତି ପ୍ରକାଶ ପାଇଥିଲା। ଓଡ଼ିଶା ରାଜସ୍ୱ ଅମଲାମାନଙ୍କୁ ସ୍ୱତନ୍ତ୍ର ପାହ୍ୟା ଦେବା ପାଇଁ ରାଜ୍ୟ ସଂଘର ନିଷ୍ପତ୍ତିକୁ ଜିଲା ଶାଖା ସଙ୍ଘ ସମର୍ଥନ ଜଣାଇଥିଲା। ରାଜସ୍ୱ ଅମଲାମାନଙ୍କୁ ସମ୍ମୁଖ କରୋନା ଯୋଦ୍ଧା ଘୋଷଣା, ସରକାରଙ୍କ ଦ୍ୱାରା ଘୋଷିତ ଅନୁକମ୍ପାମୂଳକ ରାଶି ମୃତ ବ୍ୟକ୍ତିଙ୍କ ପରିବାରର ଉତ୍ତରାଧିକାରୀଙ୍କୁ ଦେବା ସହ ପରିବାରର ଜଣଙ୍କୁ ସରକାରୀ ଚାକିରି ଦେବା ପାଇଁ ଦାବି କରାଯାଇଛି। ଏହି ବୈଠକରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ଜିଲା ସଂଘ ମୁଖ୍ୟ ଉପଦେଷ୍ଟା କେ. ଅଶୋକ ଚକ୍ରବର୍ତ୍ତୀ, ଉପସଭାପତି ଧନୁର୍ଜୟ ମାଝି, ଆକାଶ ଗଣ୍ଡ, ସମ୍ପାଦକ ତ୍ରିଲୋଚନ ନାୟକ, ସହସମ୍ପାଦକ ମୈଥିଲି ପଟ୍ଟନାୟକ, ରମେଶ ଖୋସ୍‌ଲା, ସୁନୀଲ ଦାସ, କୋଷାଧକ୍ଷ ସୁଶାନ୍ତ ନାୟକଙ୍କ ସମେତ ସଂଘର ଶ୍ରୀକାନ୍ତ ଶତପଥୀ, ମନମୋହିନୀ ହାଲ୍‌ଦାର, ଜିତେନ୍ଦ୍ର ଚୌଧୁରୀ, କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# କରେଇଗୁଡ଼ା ଗ୍ରାମବାସୀଙ୍କୁ ବଂଶଧାରା ଚୁଆ ସାହା

**ଗୁଡାରି,୨୦।୬(ଡି.ଏନ୍.ଏ.)**

**୨୦୦ ଗ୍ରାମବାସୀ ଭୋଗୁଛନ୍ତି ପାନୀୟ ଜଳ ସମସ୍ୟା**

ରାୟଗଡ଼ା ଜିଲା ଗୁଡାରି ବ୍ଲକ୍ ସାନହୁମା ପଞ୍ଚାୟତର କରେଇଗୁଡ଼ା ଗ୍ରାମରେ ଦୀର୍ଘଦିନ ଧରି ଜଳକଷ୍ଟ ଭୋଗୁଛନ୍ତି। ଗାଁରେ ୨୮ ପରିବାରରେ ପ୍ରାୟ ୨୦୦ ଲୋକ ବସବାସ କରୁଛନ୍ତି। ହେଲେ ଗାଁରେ ପାନୀୟ ଜଳର କୌଣସି ସୁବିଧା ନାହିଁ। ନଳକୂପଟିଏ ସ୍ଥାପନ ହୋଇଥିଲେ ମଧ୍ୟ ତାହା ଅଚଳ ଅବସ୍ଥାରେ ରହିଛି। ଗାଁରେ ଥିବା ସମସ୍ତ ଜଳଉତ୍ସ ଅଚଳ ଯୋଗୁ ନିକଟସ୍ଥ ବଂଶଧାରା ନଦୀର ଚୁଆପାଣି ଗ୍ରାମବାସୀଙ୍କ ଭରସା ହୋଇଛି।

ସୂଚନାଯୋଗ୍ୟ, ୨୦୧୨–୧୩ରେ ଗାଁରେ ଏକ ସୋଲାର୍ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଏଥିରେ ଏକ ଷ୍ଟାଣ୍ଡପୋଷ୍ଟ କରାଯାଇଥିଲା। ହେଲେ ୬ ବର୍ଷ ହେଲା ତାହା ଅଚଳ ପଡ଼ିଛି। ପରେ ୨୦୧୫–୧୬ରେ ବିଶ୍ୱ ସଂସ୍ଥା ପକ୍ଷରୁ ପାନୀୟ ଜଳର ସୁବିଧା ନିମନ୍ତେ ଏକ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇଥିଲା। ତାହା ମଧ୍ୟ ୨ ବର୍ଷ ପରେ ଅଚଳ ହୋଇଥିଲା। ଅନ୍ୟପକ୍ଷରେ ଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ନଳକୂପ ରହିଥିଲେ ମଧ୍ୟ ଥରକେ ଚାରି ପାଞ୍ଚ ହାଣ୍ଡି ପାଣି ବାହାରିବା ପରେ ବନ୍ଦ ହୋଇଯାଉଛି। ଯାହା ପାଣି ବାହାରୁଛି ତାହା ମଧ୍ୟ ବ୍ୟବହାର ଯୋଗ୍ୟ ହୋଇପାରୁନି। ତେଣୁ ଗ୍ରାମବାସୀଙ୍କ ପାଇଁ ଚୁଆପାଣି ହିଁ ଏକମାତ୍ର ମାଧ୍ୟମ ହୋଇଛି। ଏବେ ବର୍ଷା ଯୋଗୁ ଚୁଆପାଣି ମଧ୍ୟ ଗୋଳିଆ ଯୋଗୁ ତାହା ମଧ୍ୟ ବ୍ୟବହାର କରିବା କଷ୍ଟକର ହୋଇଛି। ସେହିପରି ପାଣି ସଂଗ୍ରହ କରି ନଦୀଘାଟରେ ନିର୍ମାଣ ହୋଇଥିବା ପାହାଚ ଚଢ଼ି ଆସିବା ବୟସ୍କ, ଗର୍ଭବତୀ ମହିଳାଙ୍କ ପାଇଁ ସମସ୍ୟା ହେଉଛି। ଏବେ ବର୍ଷାରେ ପାହାଚର ନିମ୍ନଭାଗ ଧୋଇଯାଇଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ଗାଁର ମହିଳାଙ୍କ କହିବା ହେଲା, ପାନୀୟ ଜଳ କିପରି ପାଇବେ ତାହା ହିଁ ଗ୍ରାମବାସୀଙ୍କ ପ୍ରତ୍ୟେକ ଦିନର ବଡ଼ ଚିନ୍ତା ହୋଇଛି। ସମସ୍ୟା ନେଇ ଗ୍ରାମବାସୀ ଶୁକ୍ରବାର ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ଜଣାଇଛନ୍ତି। ଏଥିପୂର୍ବରୁ ସେମାନେ ସରପଞ୍ଚଙ୍କୁ ମଧ୍ୟ ଅବଗତ କରାଇଛନ୍ତି। ହେଲେ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ଏ ବିଷୟରେ ଗୁଡାରି ବିଡିଓ ନୃସିଂହ ଚରଣ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, କରେଇଗୁଡ଼ା ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ଅବଗତ ଅଛୁ। ଶୀଘ୍ର ସମାଧାନ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ସାନହୁମା ସରପଞ୍ଚ କୈଳାସ ଶବରଙ୍କୁ ପଚାରିବାରୁ ସେ କହିଛନ୍ତି, ପଞ୍ଚାୟତ ପାଣ୍ଠିରୁ ନୂତନ ନଳକୂପ ଖନନ ନିମନ୍ତେ ବ୍ୟବସ୍ଥା କରାଯାଇଛି। ଖନନ ଗାଡ଼ି ଆସିବାରେ ବିଳମ୍ବ ହେଉଛି। ସେମାନଙ୍କ ସହ ଯୋଗାଯୋଗରେ ଅଛୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଶୀଘ୍ର ଗାଁରେ ପାନୀୟ ଜଳର ସୁବିଧା କରିବାକୁ ଯମୁନା ପ୍ରଧାନ, ବାସନ୍ତୀ ଶବର, ଅଭିମନ୍ୟୁ ନାୟକ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।



ଗ୍ରାମବାସୀ ବଂଶଧାରା ନଦୀ ଚୁଆରୁ ଜଳ ସଂଗ୍ରହ କରି ନେଉଛନ୍ତି।

